## ମା'ଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ଗରୁଡ ଗ୍ରାମର ଡାଳିମ୍ବ ରାଉତଙ୍କୁ ତାଙ୍କ ପୁଅ ହାଡିବନ୍ଧୁ ରାଉତ ମାଡ଼ ମାରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୧୮୫/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଅଭିଯୁକ୍ତ ପୁଅ ହାଡିବନ୍ଧୁ ଦୈନିକ ମା' ଡାଳିମ୍ବଙ୍କୁ ବିନା କାରଣରେ ମାଡ଼ ମାରୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।



## ସଂକ୍ଷେପରେ

### ୧୧ ଆକ୍ରାନ୍ତ ଚିହ୍ନଟ

ଢେଙ୍କାନାଳ ଅଫିସ,୯।୮- ଢେଙ୍କାନାଳ ଜିଲାରୁ ରବିବାର ୧୧ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ଜିଲାରୁ ୩୩ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୨ ଜଣ, ହିନ୍ଦୋଳରୁ ୨ ଜଣ, ଓଡାପଡାରୁ ୪, ଗଁଦିଆରୁ ୨ ଓ ଅନ୍ୟ ଚିକିତ୍ସାଳୟରୁ ଜଣେ ରହିଛନ୍ତି। ଦିନକରେ ୬୫୦ ଟେଷ୍ଟିଂକୁ ମିଶାଇ ଜିଲାରେ ଟେଷ୍ଟିଂ ସଂଖ୍ୟା ୩ ଲକ୍ଷ ୯୮ ହଜାର ୭୨୭ ହୋଇଥିବାବେଳେ ମୋଟ୍ ୧୯ ହଜାର ୨୦୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ହଜାର ୮୭୯ ଜଣ ସୁସ୍ଥ ହୋଇସାରିଥିବାରୁ ବର୍ତ୍ତମାନ ୧୯୫ ଜଣ ସଂକ୍ରମିତ ଚିକିତ୍ସାଧୀନ ରହିଛନ୍ତି। ଜିଲାରେ କରୋନାରେ ମୋଟ୍ ୧୩୧ ଜଣଙ୍କ ଜୀବନ ଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଜ୍ୟୋତିର୍ମୟ ଯୁବ କଂଗ୍ରେସ ସଭାପତି

ଢେଙ୍କାନାଳ ଅଫିସ,୯।୮- ଜାତୀୟ ଯୁବ କଂଗ୍ରେସ ସଧାରଣ ସମ୍ପାଦକ ପ୍ରତିଭା ରଘୁବଂଶୀଙ୍କ ଅନୁମୋଦନ କ୍ରମେ ଓ ରାଜ୍ୟ



ଯୁବ କଂଗ୍ରେସ ସଭାପତି ଡ. ଶ୍ରୁତି ରଞ୍ଜନ ଲେଙ୍କାଙ୍କ ଦ୍ୱାରା ଢେଙ୍କାନାଳ ଜିଲା ଯୁବ କଂଗ୍ରେସ ସଭାପତି ଭାବେ ଜ୍ୟୋତିର୍ମୟ ପାଲ୍‌ଙ୍କୁ ମନୋନୀତ କରାଯାଇଛି। ନୂଆ ଦାୟିତ୍ୱ ମିଳିଥିବାରୁ ଏଥିପାଇଁ ଜୋତିର୍ମୟ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ଏଆଇସିସି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି, ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ.ଶ୍ରୁତି ରଞ୍ଜନ ଲେଙ୍କା, ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ବିମଳ ବେହେରା, ଜିଲା ଯୁବ କଂଗ୍ରେସ ପ୍ରଭାରୀ ରାଜ୍ୟ ସାଧାରଣ ସମ୍ପାଦକ ସୁଦୀପ ସାମଲ, ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରକାଶ ଚନ୍ଦ୍ର କୁଅଁର, ଯୁବନେତା ସଚ୍ଚିଦାନନ୍ଦ ନନ୍ଦ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଢେଙ୍କାନାଳ ଜିଲାରେ ସଂଗଠନକୁ ସୁଦୃଢ଼ କରିବେ ବୋଲି ଜୋତିର୍ମୟ ମତ ପ୍ରକାଶ କରିଛନ୍ତି।

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୯।୮(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ଦିଲୀ ବେହେରାଙ୍କ ଘରୁ ୫ ଲିଟର ଦେଶୀ ମଦ ଜବତ କରାଯାଇଛି। ସେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବର ପାଇ ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ଚଢାଉ କରି ମଦ ଜବତ ସହ ଦିଲୀଙ୍କୁ ଗିରଫ କରିଥିଲେ। ଏ ନେଇ ନମ୍ବର ୧୮୪/୨୧ରେ ଏକ ମାମଲା ରୁଜୁ ପରେ ଦିଲୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ମନ୍ଦିର ତାଲା ଭାଙ୍ଗି ଜଣେ ଗିରଫ

ବଇଣ୍ଡା,୯।୮(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଘଣାଯୋଡି ଗ୍ରାମରେ ଥିବା ମାହେଶ୍ୱରୀ ମନ୍ଦିର ତାଲା ରବିବାର ରାତିରେ ଭାଙ୍ଗିଥିବା ଅଭିଯୋଗରେ ଠାକୁରଗଡ ପୋଲିସ କନ୍ତପଡା ଗ୍ରାମର ଜୟରାମ ପ୍ରଧାନଙ୍କୁ ସୋମବାର ଗିରଫ କରିଛି। ଗ୍ରାମ ସଭାପତି ଗିରିଶ ନାୟକଙ୍କ ଅଭିଯୋଗକୁ ଭିତ୍ତିକରି ନମ୍ବର ୧୯୩/୨୧ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ରବିବାର ରାତିରେ ଜୟରାମ ମନ୍ଦିର ତାଲା ଭାଙ୍ଗି ଭିତରେ ପୂଜା କରିବା ସହ କିଛି ଆସବାବପତ୍ର ବାହାରେ ଫିଙ୍ଗିଦେଇଥିଲେ। ଘଟଣା ଜଣାପଡିବା ପରେ ଗ୍ରାମ ସଭାପତି ଥାନାରେ ଅଭିଯୋଗ କରିଥିଲେ।

### ଲୁଟ୍ ସାମଗ୍ରୀ ଜବତ, ୪ ଗିରଫ



ଢେଙ୍କାନାଳ ଅଫିସ, ୯।୮- ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଖଡଗପ୍ରସାଦ ଅଞ୍ଚଳରେ ଥିବା ଲାନ୍‌କୋ କମ୍ପାନୀ ପରିସରରୁ ଲୁହା ସାମଗ୍ରୀ ଲୁଟ୍ ଯୋଜନା ବେଳେ ଶନିବାର ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୪ ବାଇକ୍, ଲୁହା ସାମଗ୍ରୀ ଭର୍ତ୍ତି ହୋଇଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ପୋଲିସକୁ ଦେଖି ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ସଦର ଏସ୍‌ଡିପିଓ ବିକାଶଚନ୍ଦ୍ର ବେଉରିଆ କହିଛନ୍ତି।

# ୬ ମାସ ନ ପୂରୁଣୁ ୬ ସ୍ଥାନରେ ଫାଟ

ବଇଣ୍ଡା,୯।୮(ଡି.ଏନ.ଏ.)



ସମ୍ପ୍ରସାରଣ ଚାଲିଥିବା ୫୫ନଂ. ଜାତୀୟ ରାଜପଥରେ ଫାଟ ସୃଷ୍ଟି ହୋଇଛି।

- ରାଜପଥ ସ୍ଥାୟିତ୍ୱକୁ ନେଇ ଉଠିଲାଣି ପ୍ରଶ୍ନବାଚୀ
- ନିର୍ମାଣ, ତଦାରଖ ଠିକ୍ ଭାବେ ହେଉନାହିଁ
- ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇନି। ଏପରି କି ନିର୍ମାଣାଧୀନ ୪୦ କିଲୋମିଟର ରାସ୍ତାକୁ ୬ ମାସ ମଧ୍ୟ ପୂରିନି। ହେଲେ ୬ଟି ସ୍ଥାନରେ ଫାଟ ଦେଖାଦେଲାଣି। ଏହାକୁନେଇ ଆଶଙ୍କାରେ ପଡ଼ିଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକର କେତୋଟି ଗ୍ରାମବାସୀ। ଏ ନେଇ ପୂର୍ବରୁ କମରେଇ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଶନିବାର ପାଗବନ୍ଧା ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରାସ୍ତାରେ ଫାଟ ସୃଷ୍ଟି ହୋଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି।

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳରେ ଚାଲୁ ରହିଛି। ବ୍ଲକର ଜାମୁନାଳୀ ଠାରୁ ବାମୁର ପର୍ଯ୍ୟନ୍ତ ୪୦ କିଲୋମିଟର ନିର୍ମାଣର ୭୦ ପ୍ରତିଶତ ଶେଷ ହୋଇଛି। କିନ୍ତୁ ହେଉଥିବା କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ଠିକାସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ଅଞ୍ଚଳବାସୀ ଜିଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କୁ ବହୁବାର ଅଭିଯୋଗ କରିଛନ୍ତି। ହେଲେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ପୂର୍ବରୁ କମରେଇ ଠାରେ ପ୍ରଥମେ ରାସ୍ତା ଫାଟି ଯାଇଥିଲା। ଏବେ ପାଗବନ୍ଧା, ଗୁରୁଜାଙ୍ଗ, ଖଇରମୁଣ୍ଡା, ଚମ୍ପାପୁର, ସୁସବ ଆଦି ସ୍ଥାନରେ ଫାଟ ଦେଖାଦେଇଛି। ରାସ୍ତା ଗୁଡିକ ୩ ରୁ ୪ ମିଟର ଲମ୍ବ ପର୍ଯ୍ୟନ୍ତ ଫାଟିଯାଇଥିବାରୁ କାର୍ଯ୍ୟ ନିମ୍ନମାନର ହେଉଥିବା ପାଗବନ୍ଧା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଠିକା ସଂସ୍ଥାର ନିର୍ମାଣ କାର୍ଯ୍ୟ ତଦାରଖ ନିମନ୍ତେ କୌଣସି ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ପୂର୍ବରୁ ଠିକ୍ ଭାବେ ମାଟି ପରୀକ୍ଷଣ କରାଯାଉନାହିଁ। ଠିକାସଂସ୍ଥାର ଅଧିକାରୀମାନେ ମଧ୍ୟ କାର୍ଯ୍ୟସ୍ଥଳ ପରିଦର୍ଶନ କରୁନାହାନ୍ତି। କମରେଇ ଠାରେ ଦେଖାଦେଇଥିବା ଫାଟ ମରାମତି କରାଯାଇ ନାହିଁ। ତାହାକୁ ମାଟି ପକାଇ ଠିକାସଂସ୍ଥା ଘୋଡ଼ାଇ ଦେଇଛି। ତେଣୁ ଫାଟଗୁଡ଼ିକର ତୁରନ୍ତ ମରାମତି ସହ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଠିକ୍ ଭାବେ କରାଯିବାକୁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

**ସ୍ଥାୟିତ୍ୱ ନେଇ ସନ୍ଦେହ ଆସୁଛି**



"ରାସ୍ତା ନିର୍ମାଣ ପୂର୍ବରୁ ମାଟି ପରୀକ୍ଷା ଠିକ୍ ଭାବେ କରାଯାଉନାହିଁ। ଠିକାସଂସ୍ଥାର ଉଚ୍ଚପଦାଧିକାରୀମାନେ ନିୟମିତ ଯାଞ୍ଚ କରୁନାହାନ୍ତି। ଫଳରେ ରାସ୍ତା କାର୍ଯ୍ୟ ନ ସରୁଣୁ ଅନେକ ସ୍ଥାନରେ ଫାଟ ଦେଖାଦେବା ଆରମ୍ଭ କଲାଣି। ଏଥିରୁ ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହେଉଛି।

-ମନୋଜ କୁମାର ମହାପାତ୍ର, ସାମାଜିକ କର୍ମୀ

**ବଇଣ୍ଡାଠାରେ ବିଳମ୍ବ ହେଉଛି**



"ରାଜପଥ ନିର୍ମାଣ ନିମନ୍ତେ ବଇଣ୍ଡା ଅଞ୍ଚଳରେ ୩ ବର୍ଷ ତଳୁ ଉଚ୍ଛେଦ ହୋଇଥିଲେ ମଧ୍ୟ ଏଯାଏ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଓଭର ବ୍ରିଜ୍ ପାଇଁ ଗାତ ଖୋଳି ଛାଡ଼ି ଦିଆଯାଇଛି। ଡ୍ରେନ୍ ଗୁଡିକ ମଧ୍ୟ ନିର୍ମାଣ ହେଉନାହିଁ। ବର୍ଷା ହେଲେ ଲୋକଙ୍କ ଘରେ ପାଣି ପଶୁଛି। ତୁରନ୍ତ କାର୍ଯ୍ୟ ସମାପ୍ତ କରାଯାଉ।

-ଅରବିନ୍ଦ ସାହୁ, ବଇଣ୍ଡା

**ତୁରନ୍ତ ମରାମତି କରାଯାଉ**



"ନିର୍ମାଣର ୫ ମାସ ନ ହେଉଣୁ ରାସ୍ତା ଫାଟିବା ଆରମ୍ଭ ହେଲାଣି। ୬ଟି ସ୍ଥାନରେ ଫାଟି ଥିବାରୁ ଏଠାରେ କାର୍ଯ୍ୟ ଠିକ୍ ଭାବେ କରାଯାଇ ନ ଥିବା ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି। ତୁରନ୍ତ ଠିକା ସଂସ୍ଥା ଫାଟି ଥିବା ରାସ୍ତାକୁ ସ୍ଥାୟୀ ଭାବେ ମରାମତି କରିବା ଦିଗରେ ପଦକ୍ଷେପ ନେଉ।

-ଅନିରୁଦ୍ଧ ସାହୁ, ବାଦୀରିନାଳି

**ଅସ୍ଥାୟୀ ରାସ୍ତା ଶୋଚନୀୟ**



"ରାସ୍ତା ନିର୍ମାଣ ବିଳମ୍ବ ହେଉଥିବା ଯୋଗୁ ବହୁ ଅସୁବିଧା ସୃଷ୍ଟି ହେଉଛି। କରାଯାଇଥିବା ଅସ୍ଥାୟୀ ରାସ୍ତା ଗୁଡିକର କେତେକ ସ୍ଥାନ ଶୋଚନୀୟ ହୋଇପଡିଛି। ସେଗୁଡିକ ମରାମତି କରାଯାଉ ନାହିଁ। ଭାରିଯାନ ଯାତାୟାତ ଯୋଗୁ ରାସ୍ତା ଖରାପ ହେଉଥିବାରୁ ଶୀଘ୍ର ମରାମତି କରାଯାଉ।

-ଯୁଗଳ କିଶୋର ପ୍ରଧାନ, ବସ୍ ଚାଳକ

**ଶୀଘ୍ର ପଦକ୍ଷେପ ନିଆଯିବ**



"ମାଟି ଦବୁଥିବା ଯୋଗୁ ରାସ୍ତା ଫାଟିଯାଉଛି। ଯେଉଁ ଅଞ୍ଚଳରେ ରାସ୍ତାରେ ଫାଟ ଦେଖାଦେଇଛି, ତାହାକୁ ଶୀଘ୍ର ମରାମତି କରାଯିବ। କରୋନା ପାଇଁ ସମସ୍ତ ଲେବର ଘରକୁ ପଳାଇ ଯାଇଛନ୍ତି। ସେମାନେ କାମକୁ ଫେରିଲେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ।

-ଗେଲିଡେବେରୋ ପଦ୍ମନାଭମ, ଠିକାସଂସ୍ଥା ପରିଚାଳକ

## ସିପିଆଇଏମ୍‌ର ବିକ୍ଷୋଭ

ପାଲଲହଡ଼ା,୯।୮(ଡି.ଏନ.ଏ.)

କରୋନା ମହାମାରୀ ସମୟରେ କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତି ଓ ଶ୍ରମିକ ବିରୋଧୀ କାର୍ଯ୍ୟ ବିରୋଧରେ ସିପିଆଇ(ଏମ୍)ର ଅଲ୍ ଇଣ୍ଡିଆ କୃଷକ ସଂଘ (ଓଡ଼ିଶା ଶାଖା) ଏବଂ ସିଟୁର ଶତାଧିକ ମହିଳାପୁରୁଷ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ତୈଳ ମୂଲ୍ୟ କମ୍ ଥିଲେ ମଧ୍ୟ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲର ଅହେତୁକ ଦରବୃଦ୍ଧି କରିବାକୁ ସମାଲୋଚନା କରାଯାଇଥିଲା। ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟରତ ସମସ୍ତ ଶ୍ରମିକଙ୍କୁ କରୋନା ଯୋଦ୍ଧା ଘୋଷଣା ସହ ବୀମା ପ୍ରଦାନ, ଦୈନିକ ୬୦୦ ଟଙ୍କା ମଜୁରି ଆଦି ୧୨ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଓଡ଼ିଶା ରାଜ୍ୟ ଶାଖା ସଦସ୍ୟ ଜମ୍ମେଶ୍ୱର ପ୍ରଧାନ, ଅନୁଗୋଳ ଜିଲା ନାରୀ ନେତ୍ରୀ ମୀନାରାଣୀ ପ୍ରଧାନଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଗାଡ଼ି ଧକ୍କାରେ ବାର୍‌ହା ମୃତ

ଭୁବନ,୯।୮(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ଦମକଳ ବାହିନୀ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗାଡ଼ି ଧକ୍କାରେ ଏକ ବାର୍‌ହା ମୃତ୍ୟୁ ଘଟିଛି। ଭୁବନ ବନାଞ୍ଚଳ ଭାରତୀ ପାହାଡରୁ ବାର୍‌ହାଟି ବ୍ରାହ୍ମଣୀ ନଦୀ ଅଭିମୁଖେ ଯାଉଥିବାବେଳେ ଏକ ଗାଡ଼ି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଭୁବନ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରିଥିଲେ ମଧ୍ୟ ବାର୍‌ହାଟିର ମୃତ୍ୟୁ ହୋଇଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଦାବିପତ୍ର

ବଇଣ୍ଡା,୯।୮(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି ହୋଇଛି। ନୂଆଦିଲ୍ଲୀ ଠାରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ସମ୍ବଲପୁର ଏମ୍‌ପି ନୀତିଶ ଗଙ୍ଗଦେବ ଓ ଏମ୍‌ପିଙ୍କ ଆଠମଲ୍ଲିକ ପ୍ରତିନିଧି ପରେଶ ଦେଓ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଆଠମଲ୍ଲିକ ଅଞ୍ଚଳରେ ବହୁ ମେଧାବୀ ଛାତ୍ରୀଛାତ୍ର ଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟ ନ ଥିବା ଯୋଗୁ ସିବିଏସ୍‌ଇ ପାଠ୍ୟକ୍ରମ ପଢିପାରୁ ନାହାନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ ହୋଇପାରୁ ନାହିଁ। ତୁରନ୍ତ ଏଥିପ୍ରତି କେନ୍ଦ୍ର ସରକାର ଦୃଷ୍ଟି ଦେଇ ଆଠମଲ୍ଲିକରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବାକୁ ସମ୍ବଲପୁର ଏମ୍‌ପି ଦାବି କରିଛନ୍ତି।



କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସମ୍ବଲପୁର ଏମ୍‌ପି ଦାବିପତ୍ର ପ୍ରଦାନ କରୁଛନ୍ତି।

## ୧୧୦ ୟୁନିଟ୍ ରକ୍ତ ସଂଗ୍ରହ

ସାତମାଇଲ,୯।୮(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ସୋମବାର କ୍ରାନ୍ତି ଦିବସ ଅବସରରେ ବିଜେଡି ପକ୍ଷରୁ ଜୀବନ ବିନ୍ଦୁ ଓ ହିନ୍ଦୋଳ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମିଳିତ ଉଦ୍ୟମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଧାୟିକା ସୀମାରାଣୀ ନାୟକ, କଲେଜ ଅଧ୍ୟକ୍ଷ ଅଶୋକ ସାହୁ ଓ ଯୁବ ବିଜେଡି କଲ୍ୟାଣ ସଙ୍ଗଠନର ପର୍ଯ୍ୟବେକ୍ଷକ ବିଜୟ ନାୟକ, ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ବିଜେଡିର ବହୁ କର୍ମକର୍ତ୍ତା ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ୍ ୧୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଢେଙ୍କାନାଳ ଜିଲା ରକ୍ତଭଣ୍ଡାର ଡାକ୍ତର ଜୟନାରାୟଣ ପାଢୀ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ରାକେଶ ବେହେରା, କର୍ମଚାରୀ ଅଜୟ ସାହୁ, ବରୁଣ ସାହୁ, ତପନ ଜେନା, ପିଣ୍ଟୁ ନାଏକ, ସୌଭାଗ୍ୟରଞ୍ଜନ ମିଶ୍ର ସହଯୋଗ କରିଥିଲେ। ମହାବିଦ୍ୟାଳୟର ଏନ୍‌ସିସି ଲ୍ୟୁଟେନାଣ୍ଟ କିଶୋର ପୃଷ୍ଟି, ଅଧ୍ୟାପକ ମୁରଲୀ କିଶୋର ଜେନାମଣି ଓ ଏନ୍‌ସିସିର ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭାଷା ଆନ୍ଦୋଳନ ପାଇଁ ପଦଯାତ୍ରା



ଭାଷା ଆନ୍ଦୋଳନ ପାଇଁ ଢେଙ୍କାନାଳ ସହରରେ ପଦଯାତ୍ରାରେ ସାମିଲ ହୋଇଥିବା ସଦସ୍ୟମାନେ।

ଢେଙ୍କାନାଳ ଅଫିସ,୯।୮

ଓଡ଼ିଆ ଭାଷାକୁ ଓଡ଼ିଶାର କାର୍ଯ୍ୟଭାଷା କରିବା ପାଇଁ ୧୯୫୪ ମସିହାରୁ ସରକାରୀ ଭାଷା ଆଇନରେ ଉପଯୁକ୍ତ ସଂଶୋଧନ ଦାବି କରାଯାଇ ଆସୁଛି। ଏହି କ୍ରମରେ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା ସୋମବାର ସ୍ଥାନୀୟ ଗୋପବନ୍ଧୁ ଟାଉନହଲଠାରୁ ବାହାରି ବାଜିଚୌକଠାରେ ପହଞ୍ଚିଥିଲା। ରାଜ୍ୟର ଭାଷା ଆନ୍ଦୋଳନର ପୁରୋଧା ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ବିଚାରାଧାରକୁ ନେଇ ଢେଙ୍କାନାଳ ଜିଲା ଆବାହକ ପ୍ରିୟବ୍ରତ ଗଡନାୟକଙ୍କ ନେତୃତ୍ୱରେ ସହରରେ ଏହି ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ଭାଷାପ୍ରେମୀ କଳାପତାକା ଓ ପ୍ଲାକାର୍ଡ ଧରି ଶାନ୍ତିପୂର୍ଣ୍ଣ ଭାବେ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ବାର୍ ଆସୋସିଏଶନ ସମ୍ପାଦକ ଟଙ୍କଧର ବେହେରା, ଢେଙ୍କାନାଳ ଥିଙ୍କର୍ସ ଫୋରମ ସଦସ୍ୟ ସୋଭେନ୍ଦୁ ଶତପଥୀ, ଆଇନଜୀବୀ ପ୍ରକାଶ ରାଉତ, ସାମାଜିକ କର୍ମୀ ରାମଚନ୍ଦ୍ର ଦେବତା, ଭୋଜରାଜ ସାହୁ, ବିକାଶ ନାୟକ, ବିଶ୍ୱଜିତ ବରାଳ, ବୈକୁଣ୍ଠନାଥ ଦ୍ୱିବେଦୀ, ଉତ୍ତମ ଦାସ, ନିମାଇଁ ଚରଣ ସାହୁ, ସୁଶାନ୍ତ ଦଳେଇ, ଦିବ୍ୟଜ୍ୟୋତି ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଅଙ୍ଗନୱାଡ଼ି କର୍ମୀ ଚୟନରେ ଅନିୟମିତତା ଅଭିଯୋଗ

କାମାକ୍ଷାନଗର,୯।୮(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ ଶଶାପଶି ମେଡିକାଲ ସାହିରେ ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଆବେଦନକାରୀ ସୁମିତ୍ରା ସେଠୀ ଅଭିଯୋଗରେ ଦର୍ଶାଇଛନ୍ତି, ସେହି ଗ୍ରାମର ଅନ୍ୟତମ ଆବେଦନକାରୀ ଏମ୍. କୃଷ୍ଣପ୍ରଭା ସେଠୀ ଗତ ଏପ୍ରିଲ ୨୨ ତାରିଖରେ ସମାଟାଙ୍ଗି ଗାଁରେ ବିବାହ କରିବା ସହ ସେଠାରେ ରହୁଛନ୍ତି। ତେଣୁ ଶଶାପଶିରେ ତାଙ୍କୁ ଅଙ୍ଗନୱାଡି କର୍ମୀ ଭାବେ ଚୟନ କରାଯିବାରେ ଅନିୟମିତତା ହୋଇଛି। କରଗୋଳା ସରପଞ୍ଚ ମଧ୍ୟ ଏମ୍. କୃଷ୍ଣପ୍ରଭା ଅନ୍ୟତ୍ର ବିବାହ କରିଥିବା ଉପଜିଲାପାଳଙ୍କୁ ଜଣାଇଛନ୍ତି। ତେଣୁ ଏହାର ଉପଯୁକ୍ତ ତଦନ୍ତ ପାଇଁ ସୁମିତ୍ରା ଦାବି କରିଛନ୍ତି। ଏ ନେଇ ଉପଜିଲାପାଳ ଜ୍ୟୋତି ଶଙ୍କର ସାହୁ କହିଛନ୍ତି, ଅଭିଯୋଗ ମିଳିଥିବାରୁ ଏହା ଉପରେ ତଦନ୍ତ କରାଯିବ। ଏମ୍. କୃଷ୍ଣପ୍ରଭା ଶଶାପଶି କିମ୍ବା ସମାଟାଙ୍ଗିରେ ରହୁଛନ୍ତି ତାହା ଜଣାପଡ଼ିବା ପରେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

କାମାକ୍ଷାନଗର,୯।୮(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସିରେ ସୋମବାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ମଡି ସାପ୍ତାହିକ ହାଟ, ଆମ୍ବୁଲାନ୍ସ ସେବା, ଶବବାହକ ଗାଡି ଲୋକାର୍ପଣ କରିଥିଲେ। ସହରବାସୀଙ୍କୁ ଆଗାମୀ ଦିନରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇବା ସହ ଏନ୍‌ଏସିକୁ ରାଜ୍ୟରେ ଏକ ଆଦର୍ଶ ଏନ୍‌ଏସି ଭାବେ ଗଢିବାର ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ଅନ୍ୟଅତିଥି ଭାବେ କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ବିଡିଓ ବିକାଶ ମହାନ୍ତି, ଜିଲା ବିଜେଡି ସଭାପତି ଧର୍ମାନନ୍ଦ ପରିଡା, ଏନ୍‌ଏସିର ନିର୍ବାହୀ ଯନ୍ତ୍ରୀ ବିରଜା ପ୍ରସାଦ ରଥ ଉପସ୍ଥିତ ଥିଲେ।





ଶୁଭ ଉଦ୍‌ଘାଟନ ଉତ୍ସବରେ ଖଣିମନ୍ତ୍ରୀ, ଏମ୍‌ପିଙ୍କ ସହ ଅନ୍ୟମାନେ।

## କ୍ରାନ୍ତି ଦିବସରେ କେନ୍ଦ୍ରକୁ କଡ଼ା ସମାଲୋଚନା

ଢେଙ୍କାନାଳ ଅଫିସ,୯।୮

ଢେଙ୍କାନାଳ ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଭାରତ ଛାଡ ଆନ୍ଦୋଳନର ୭୮ ବର୍ଷ ପୂର୍ତ୍ତି ପାଳନ ସହ କ୍ରାନ୍ତି ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ଦଳର ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଏକାଠି ହୋଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ପେଟ୍ରୋଲ୍, ଡିଜେଲ୍, ରୋଷେଇ ଗ୍ୟାସ୍, ଖାଇବା ତେଲ ଓ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି କାର୍ଯ୍ୟକୁ ସମାଲୋଚନା କରିଥିଲେ। ଏପରି ଦରବୃଦ୍ଧି ଦ୍ୱାରା କୃଷକ, ଶ୍ରମିକ, ଆଦିବାସୀ, ଦଳିତ ଆଦି ଗରିବ ଶ୍ରେଣୀର ଜନତାଙ୍କୁ ଶୋଷଣ କରାଯାଉଥିବା କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଏହାର ପ୍ରତିବାଦରେ ଅଗଷ୍ଟ କ୍ରାନ୍ତି ଦିବସ ଢାଞ୍ଚାରେ ଆନ୍ଦୋଳନ କରାଯିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା। ପରେ ଗାନ୍ଧିପାର୍କରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଏଆଇସିସି ସଦସ୍ୟା ସୁଭାଷିନୀ ମହାକୁଡ, ମହିଳା ଜିଲା ସଭାନେତ୍ରୀ ମମତାଞ୍ଜଳି ବେହେରା, ଜିଲା କଂଗ୍ରେସ ଉପସଭାପତି ପ୍ରକାଶ କୁଅଁର, ବରିଷ୍ଠ ସଦସ୍ୟ ରବିନାରାୟଣ ମହାନ୍ତି, ଅଶୋକ ଦାସ, ପ୍ରେମ ଶଙ୍କର ମିଶ୍ର, ସୁନୀଲ ଦାସ, ନିର୍ମଳ ମିଶ୍ର, ଅମ୍ଳାନ ଖଟୁଆ, ମହମ୍ମଦ ସମୀର, ଡାକ୍ତର ତୁଷାରକାନ୍ତି ନାୟକ, ଟାଉନ କଂଗ୍ରେସ ସଭାପତି ହାଇଦର୍ ମହମ୍ମଦ, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ଦାସ, ଶିଳ୍ପୀଶ୍ରୀ ହରିଚନ୍ଦନ ଓ ଫକୀର ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।



କ୍ରାନ୍ତି ଦିବସ ପାଳନ ଅବସରରେ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ।

### ଭ୍ରଷ୍ଟାଚାର ମୁକ୍ତ ପାଇଁ ଆହ୍ୱାନ

ଢେଙ୍କାନାଳ ଅଫିସ,୯।୮– ଆମ୍ ଆଦ୍‌ମୀ ପାର୍ଟି କାର୍ଯ୍ୟାଳୟ ଠାରେ ଆବାହକ ପଙ୍କଜ ନାୟକଙ୍କ ଅଧ୍ୟକ୍ଷତାରେ କ୍ରାନ୍ତି ଦିବସ ପାଳନ କରାଯାଇଛି। ଏହି ଅବସରରେ ଦେଶକୁ ଦୁର୍ନୀତି ଓ ଭ୍ରଷ୍ଟାଚାର ମୁକ୍ତ କରିବାକୁ କ୍ରାନ୍ତିକାରୀ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ନୂତନ ଭାବେ ଦଳରେ ଯୋଗଦେଇଥିବା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ସଦସ୍ୟ ପ୍ରସନ୍ନ ତ୍ରିପାଠୀ, ବଳଭଦ୍ର ବେହେରା, ବାସନ୍ତୀ ସ୍ୱାଇଁ, ଡମ୍ବରୁଧର ନାୟକ, ମଙ୍ଗୁଳି ଚରଣ ବେହେରା, ଜନାର୍ଦ୍ଦନ ନନ୍ଦୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମମତା ନାଏକ, ଦେବାନନ୍ଦ ହୋତା, ଗୋବର୍ଦ୍ଧନ ଦଳେଇ, ନନ୍ଦିନୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। କୁଞ୍ଜ ବିହାରୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

### ଅହିଂସାର ଅନୁଗାମୀ ହୁଅ

ହିନ୍ଦୋଳ,୯।୮(ଡି.ଏନ.ଏ.)– ହିନ୍ଦୋଳ ବ୍ଲକ କଂଗ୍ରେସ ପକ୍ଷରୁ ସୋମବାର କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ସଦର ମହକୁମା କୋର୍ଟ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଭାପତି ବିଶ୍ୱାଳ ଏହି ଦିବସ ପାଳନର ଅନୁଚିନ୍ତା ସମ୍ପର୍କରେ ଆଲୋକପାତ କରିବା ସହ ଗାନ୍ଧିଜୀଙ୍କ ଅହିଂସା ମାର୍ଗରେ ଅନୁଗାମୀ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ସଭାପତି ଦାଶରଥି ରଥ, ଏନ୍‌ଏସିର ପୂର୍ବତନ ସଭାପତି ସୁର ପଟ୍ଟନାୟକ, ଜିଲା ସେବାଦଳ ଅଧ୍ୟକ୍ଷ ସୁବାସ ପାଳ, ଏନ୍‌ଏସି ସଭାପତି ବିଶ୍ୱେଶ୍ୱର ସେଠୀ, ବୀରେନ୍ଦ୍ର ଦାସ, କୁମୁଦ ସାହୁ, ସାଦତ ଖାନ, ଏବ୍ରାହିମ ଖାନ, ଗୋଲାପ ମହମ୍ମଦ, ରତ୍ନାକର ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

## କଂଗ୍ରେସ ଭବନରେ କ୍ରାନ୍ତି ଦିବସ

**ଅନୁଗୋଳ ଅଫିସ:** ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ କରୋନା କଟକଣାରେ କ୍ରାନ୍ତି ଦିବସ ଜିଲା ସଭାପତି ବିପ୍ଳବ ଜେନାଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସ ଭବନଠାରେ ମହାତ୍ମା ଗାନ୍ଧୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଦିଗାମ୍ବର ଗଡନାୟକ, ଧର୍ମେନ୍ଦ୍ର ମିଶ୍ର, ଜିତେନ୍ଦ୍ର ସାହୁ, ଗୋପାଳ ନାଥ, ଚିତ୍ତରଞ୍ଜନ ନାଏକ, ତପନ ପ୍ରଧାନ, ଅମୂଲ୍ୟ ବେହେରା ଶିବାନୀ ଗୌଡ ପ୍ରମୁଖ ଯୋଗଦେଇଥିଲେ।



## ସଂକ୍ଷେପରେ

### ଚୋରା କେନ୍ଦୁପତ୍ର ଜବତ



ବଇଣ୍ଡା,୯।୮(ଡି.ଏନ.ଏ.)- କିଶୋରନଗର ଥାନା ଧଉରାପାଲି ଗ୍ରାମରେ ବାମୁର ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ ଚୋରା କେନ୍ଦୁପତ୍ର ବୋଝେଇ ପିକଅପ୍ ଭ୍ୟାନ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ବ୍ୟବସାୟୀ ଓ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପିକ୍ଅପ୍‌ରୁ ୧୨୫ ବଣ୍ଡଲ କେନ୍ଦୁପତ୍ର ଜବତ ହୋଇଛି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଚଢାଉରେ ବାମୁର ରେଞ୍ଜର କୁଲେଶ ଚନ୍ଦ୍ର ସାହୁ, ବନପାଳ ଶୁଭେନ୍ଦୁ ପ୍ରଧାନଙ୍କ ସମେତ କର୍ମଚାରୀମାନେ ସାମିଲ ଥିଲେ।

### ୨ ଟ୍ରାକ୍ଟର ଜବତ



ଛେଣ୍ଡିପଦା,୯।୮(ସ୍ୱ.ପ୍ର.)- ଛେଣ୍ଡିପଦା ତହସିଲ ବ୍ରାହ୍ମଣବିଲ ରାଜସ୍ୱ ନିରୀକ୍ଷକଙ୍କ ଅଞ୍ଚଳରୁ ସୋମବାର ସନ୍ଧ୍ୟାରେ ବେଆଇନ ଚୋରା ମୋରମ ଚାଲାଣ ହେଉଥିବା ଖବରପାଇ ଛେଣ୍ଡିପଦା ତହସିଲଦାର ଚଢାଉ କରି ୨ଟି ମୋରମ ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ତହସିଲଦାର ଡାନିଏଲ ଏକ୍କାଙ୍କ ସୂଚନା ଅନୁଯାୟୀ, ଫୁଲଝରିଠାରୁ କୋଶଳାକୁ ବେଆଇନ ମୋରମ ଚାଲାଣ ହେଉଥିବା ଖବର ମିଳିଥିଲା। ତୁରନ୍ତ ଚଢାଉ କରାଯାଇ ଦୁଇଟି ମୋରମ ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିଲା। ଜବତ ଟ୍ରାକ୍ଟରକୁ ଛେଣ୍ଡିପଦା ପୋଲିସ ଜିମା ଦିଆଯାଇଛି।

### ଲୁହା ସାମଗ୍ରୀ ଜବତ, ୪ ଗିରଫ

ଢେଙ୍କାନାଳ ଅଫିସ,୯।୮- ଢେଙ୍କାନାଳ ମହିଷାପାଟସ୍ଥିତ ରେଙ୍ଗାଳି କାର୍ଯ୍ୟାଳୟର ନିର୍ମାଣ ସ୍ଥଳୀରୁ ଗତ ୩୧ ତାରିଖ ରାତିରେ ଲୁହା ସାମଗ୍ରୀ, ୩ ଓ ୪ ତାରିଖ ରାତିରେ ରାଧାକୃଷ୍ଣ ବଜାର ଅଞ୍ଚଳରୁ ଗାଡି ବ୍ୟାଟେରି ଚୋରି ହୋଇଥିଲା। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୩୧୨, ୩୧୩, ୩୧୪।୨୧ରେ ୩ଟି ମାମଲା ରୁଜୁ କରାଯାଇଥିଲା। ଏହି ଘଟଣାର ତଦନ୍ତ କରି ଟାଉନ ଥାନା ପୋଲିସ ସହରର ବିଭିନ୍ନ ଅଞ୍ଚଳରେ ଚଢାଉ କରି ୪ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ଠାରୁ ୮ଟି ସେଣ୍ଟ୍ରିଂ ଲୁହାପ୍ଲେଟ, ୮ଟି ଲୁହାରଡ୍ ଓ ୩ଟି ଗାଡି ବ୍ୟାଟେରି ଜବତ କରାଯାଇଥିବା ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

### ଫେରାର ଅଭିଯୁକ୍ତ ଗିରଫ

କଣିହାଁ,୯।୮(ଡି.ଏନ.ଏ.)- କଣିହାଁ ବ୍ଲକ ରେଙ୍ଗାଳି ଥାନା ପୋଲିସ ସୋମବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ଅନାମ ଲାକ୍ରା କହିଛନ୍ତି, ଦୀର୍ଘ ୮ମାସ ପୂର୍ବରୁ ଏକ ବଳାତ୍କାର ମାମଲାକୁ ନେଇ ନଂ. ୧୪୧/୨୦ରେ ମାମଲା ରୁଜୁ ହୋଇଥିଲା। ଏଥିରେ ଅଭିଯୁକ୍ତ ଅର୍ଜୁନ ପ୍ରଧାନ ଫେରାର ଥିଲେ। ତାଙ୍କୁ ରବିବାର ରାତିରେ ଗିରଫ କରାଯାଇଛି।

# ପୋଲିସ ବିରୋଧରେ ଓକିଲଙ୍କ ଆନ୍ଦୋଳନ

- ୨ ଆଇନଜୀବୀଙ୍କ ନାମରେ ମାମଲା ରୁଜୁର ପ୍ରତିବାଦ
- ସିଏସ୍ଆଇ କୋର୍ଟ କାର୍ଯ୍ୟାଳୟରେ ପକାଇଲେ ତାଲା
- ଟାଉନ ଥାନା ଅଧିକାରୀଙ୍କ ବଦଳି, ନିଲମ୍ବନ ଦାବି



ଢେଙ୍କାନାଳ ସଂଘର ଜରୁରୀ ବୈଠକରେ ଉପସ୍ଥିତ ଆଇନଜୀବୀମାନେ।

**ଢେଙ୍କାନାଳ ଅଫିସ,୯।୮**

ଢେଙ୍କାନାଳ ଜିଲା ଓକିଲ ସଂଘ ସଭାପତି ଏବଂ ଅନ୍ୟଜଣେ ସଦସ୍ୟଙ୍କ ନାମରେ ଟାଉନ ଥାନା ଅଧିକାରୀ ନମିତା ନାୟକ ମାମଲା ରୁଜୁ କରିବା ଘଟଣାକୁ ନେଇ ସଂଘ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଛି। ସୋମବାର ଆଇନଜୀବୀମାନେ କୋର୍ଟ ବର୍ଜନ କରାଯିବା ସହ ସିଏସ୍ଆଇ କୋର୍ଟ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ଟାଉନ ଥାନା ଅଧିକାରୀଙ୍କୁ ଜିଲା ବାହାରକୁ ବଦଳି, ନିଲମ୍ବନ ଓ ରୁଜୁ ହୋଇଥିବା ମିଥ୍ୟା ମାମଲା ତୁରନ୍ତ ପ୍ରତ୍ୟାହାର ସହିତ ନିଃସର୍ତ୍ତ କ୍ଷମାପ୍ରାର୍ଥନା ମାଗିବାକୁ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆବଶ୍ୟକ ପଡିଲେ ଏହି ଆନ୍ଦୋଳନକୁ ରାଜ୍ୟବ୍ୟାପୀ କରାଯିବ। ମଙ୍ଗଳବାର ସଂଘ ପକ୍ଷରୁ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ ବୋଲି ସଭାପତି ସଞ୍ଜୟ ମିଶ୍ର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବାଲେଶ୍ୱର ଜିଲା ସୋରରେ ଜଣେ ଆଇନଜୀବୀଙ୍କୁ ପୋଲିସର ଦୁର୍ବ୍ୟବହାର ପ୍ରଦର୍ଶନ ଘଟଣାର ପ୍ରତିବାଦ କରି ଢେଙ୍କାନାଳ ଜିଲା ଓକିଲ ସଂଘ ପକ୍ଷରୁ ଗତ ୪ ତାରିଖରେ ଏକ ଶୋଭାଯାତ୍ରା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘର ସଦସ୍ୟମାନେ ଜିଲା କାର୍ଯ୍ୟାଳୟକୁ ଧସେଇ ପଶିଥିଲେ। ଏହି ସମୟରେ ଜିଲା କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ଟାଉନଥାନା ଅଧିକାରୀଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ଆଇନଜୀବୀମାନଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ। ଏହାପରେ ଟାଉନ ଥାନା ଅଧିକାରୀ ସଂଘ ସଭାପତି ଓ ଜଣେ ସଦସ୍ୟଙ୍କ ନାମରେ ଦୁର୍ବ୍ୟବହାର ପ୍ରଦର୍ଶନ ଓ ଧମକଚମକ ଅଭିଯୋଗ କରି ଟାଉନ ଥାନାରେ ନଂ. ୩୦୬।୨୧ରେ ଏକ ମାମଲା ରୁଜୁ କରିଛନ୍ତି। ସଦର ଏସ୍‌ଡିପିଓଙ୍କୁ ଏହାର ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏପରି ମାମଲା ରୁଜୁର ପ୍ରତିବାଦ କରି ସୋମବାର ଅପରାହ୍ନ ୧ଟାରେ ଆଇନଜୀବୀ ସଂଘର ଏକ ସାଧାରଣ ବୈଠକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସଭାପତି ସଞ୍ଜୟ କୁମାର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଟଙ୍କଧର ବେହେରା, ଉପସଭାପତି ସରୋଜ ପାଢୀ, ପୁସ୍ତକ ତ୍ରିପାଠୀଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପୂର୍ବତନ ସଭାପତି ନବକିଶୋର ଗୁରୁ, ଓମ୍ ପ୍ରକାଶ ଶରଣ, ଦୀପକ ପ୍ରସାଦ ପଟ୍ଟନାୟକଙ୍କ ସମେତ ଦିପ୍ତୀଶ ପ୍ରସାଦ ପଟ୍ଟନାୟକ, ସୁଧାଂଶୁ କୁମାର ଦଳେଇ, ପତିତପାବନ ମିଶ୍ର, ଦେବାଶିଷ ମିଶ୍ର, ଗୋପାଳ ପାତ୍ର, ପ୍ରଶାନ୍ତ ରାଉତ, ପ୍ରମିଳା ମହାପାତ୍ରଙ୍କ ସମେତ ଆଇନଜୀବୀମାନେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଟାଉନ ଥାନାର କୌଣସି ଅଧିକାରୀ, କର୍ମଚାରୀ ଏବଂ ଯାନବାହାନ କୋର୍ଟ ପରିସରକୁ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି କହିଥିଲେ।

## ଜାତୀୟତା ପ୍ରୀତି ଜାଗ୍ରତ ଜରୁରୀ

**ଆଜାଦୀ କା ଅମୃତ ମହୋତ୍ସବ ଉଦ୍‌ଘାଟିତ**

**ଢେଙ୍କାନାଳ ଅଫିସ,୯।୮**

ଢେଙ୍କାନାଳ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସୋମବାର ପୂର୍ବାହ୍ନ ୧୦ଟାରେ ସହରସ୍ଥିତ ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟରଠାରେ ଆଜାଦୀ କା ଅମୃତ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଭୂମେଶ ଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରି ଦେଶରେ ଅଖଣ୍ଡତା ବଜାୟ ରଖିବା ସହିତ ଯୁବପିଢିଙ୍କ ମଧ୍ୟରେ ଜାତୀୟତା ପ୍ରୀତି ଜାଗ୍ରତ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ କହିଲେ ଯେ, ୭୫ ବର୍ଷର ସଂଘର୍ଷମୟ ଇତିହାସକୁ ଆଗାମୀ ପିଢିମାନେ ହୃଦ୍‌ବୋଧ କରିପାରିଲେ କାର୍ଯ୍ୟକ୍ରମର ସଫଳତା ଅନୁଭବ କରାଯାଇପାରିବ। ଏହି ଅବସରରେ ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ କବିତା ଆବୃତି ପ୍ରତିଯୋଗିତାର କନିଷ୍ଠ ବିଭାଗରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଷଷ୍ଠ ଶ୍ରେଣୀ ଛାତ୍ର ସାଇଚନ୍ଦନ ଦାସଙ୍କୁ ପୁରସ୍କାର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ଏକାଡେମୀ ସଦସ୍ୟ ଡ. ପୁଷ୍ପଲତା ରଥ ମାନପତ୍ର ପାଠ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରନ୍ଥାଗାର ସହାୟିକା ପ୍ରିୟଦର୍ଶିନୀ ମାଝି ଧନ୍ୟବାଦ ପ୍ରଦାନ କରିଥିଲେ।



ମହୋତ୍ସବ ଅବସରରେ ସାଇଚନ୍ଦନ ଦାସଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ୧୨ରେ କାର୍ଯ୍ୟକାରିଣୀ ବୈଠକ



ବୈଠକରେ ପାଲଲହଡ଼ା ଓ ତାଳଚେର ବିଧାୟକଙ୍କ ସମେତ ଅନ୍ୟମାନେ।

**କଣିହାଁ,୯।୮(ଡି.ଏନ.ଏ.)**

କଣିହାଁସ୍ଥିତ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ପ୍ରଜାମଣ୍ଡଳ ଭବନରେ ସୋମବାର ବ୍ଲକ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି କୈଳାସ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ ପାଲ ଯୋଗଦେଇ ସଙ୍ଗଠନକୁ ମଜଭୁତ କରିବା ପାଇଁ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ୧୨ରେ ବିଜିଗୋଳ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ୨୭ ପଞ୍ଚାୟତର କାର୍ଯ୍ୟକର୍ତ୍ତାଙ୍କ ସମେତ ସୁଧାକର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୁନିଲ ପ୍ରଧାନ, ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଏହି ବୈଠକରେ କୋଭିଡ୍ କଟକଣା ଉଲ୍ଲଂଘନ ହୋଇଥିବା ଅଭିଯୋଗ ହେଉଛି। ଅନେକ କର୍ମୀ ସାମାଜିକ ଦୂରତ୍ୱ ନିୟମ ପାଳନ ନ କରିବା ସହିତ ଠିକ୍ ଭାବେ ମାସ୍କ ପିନ୍ଧି ନ ଥିଲେ। ଗୋଟିଏ ରୁମରେ ଶତାଧିକ କର୍ମୀ ଏକାଠି ହୋଇଥିଲେ। ଏ ନେଇ ତହସିଲଦାର ଓ ବିଡିଓଙ୍କୁ ଯୋଗାଯୋଗ ସତ୍ତ୍ୱେ ମତାମତ ମିଳିପାରି ନାହିଁ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଢେଙ୍କାନାଳ ଅଫିସ,୯।୮**

ଓଡ଼ିଶା ସ୍କୁଲ କଲେଜ ମିଳିତ ମଞ୍ଚ ଢେଙ୍କାନାଳ ଶାଖାର ଶିକ୍ଷକ, କର୍ମଚାରୀମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ୫ଦଫା ଦାବିପତ୍ର ସୋମବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଅବିକଳ ୭ମ ବେତନ ହାରରେ ୧ ଜାନୁୟାରୀ ୨୦୧୮ରୁ ଦରମା ପ୍ରଦାନ, ବାଦ୍ ପଡିଥିବା ନୂଆ ସ୍କୁଲ ଓ କଲେଜକୁ ଅନୁଦାନ ପରିସରଭୁକ୍ତ କରିବା, ସମ୍ପୂର୍ଣ୍ଣ ଅନୁଦାନ ପାଇଥିବା ଅନ୍ୟ ସ୍କୁଲ ଓ କଲେଜ ଭଳି ଚାକିରି ସର୍ତ୍ତାବଳୀ ଏବଂ ଅବସରକାଳୀନ ପେନସନ ପ୍ରଦାନ ଆଦି ଦାବିରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଅନ୍ୟତମ ଆବାହକ ଗୋଲକ ନାୟକ ଶିକ୍ଷକଙ୍କ ଦାବି ଓ ରାଜ୍ୟ ସରକାରଙ୍କ ମନୋଭାବ ଉପରେ ଆଲୋଚନା କରିଥିଲେ। ଆସନ୍ତା ୧୨ ତାରିଖରେ ସରକାର ଓ ସଂଘର ଦ୍ୱିପାକ୍ଷିକ ଆଲୋଚନା ଯଦି ସଫଳ ନ ହୁଏ, ତେବେ ୧୬ ତାରିଖରେ ଭୁବନେଶ୍ୱରରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଘୋଷଣା କରିଥିଲେ। ଢେଙ୍କାନାଳ ଓଷ୍ଟା ଜିଲା ସଭାପତି ଅମ୍ବରୀଶ ଶତପଥୀ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଧଳ, ସମ୍ପାଦକ ବିଭୂତି ଭୂଷଣ ସାମଲ, ଯୁଗ୍ମ ସମ୍ପାଦକ ପୀତାମ୍ବର ଦାସ, ୬୬୨ କଲେଜ ସଂଘ ସଭାପତି ବିଜୟ କୁମାର ପଟ୍ଟନାୟକ ଓ ୪୮୮ କଲେଜ ସଂଘର ପ୍ରବୀର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୬୬୨ କଲେଜ ସଂଘ ରାଜ୍ୟ ଉପସଭାପତି ସମୀର ସାହୁ, ଜିଲା ସମ୍ପାଦକ ପ୍ରଭାତ ସାମଲ, ବିକାଶ ଦାସ, ପ୍ରଦୀପ ମିଶ୍ର, କବିତା ମହାନ୍ତି, ୪୮୮ର ମାୟାଧର ସାହୁ, ଅନିଲ ଜେନାଙ୍କ ସମେତ ଓଷ୍ଟା ବ୍ଲକସ୍ତରୀୟ ସଭାପତି ଓ ସମ୍ପାଦକମାନେ ଯୋଗଦେଇ ସରକାରଙ୍କ ଶିକ୍ଷକ ମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ।




ଓଡ଼ିଶା ସ୍କୁଲ କଲେଜ ମିଳିତ ମଞ୍ଚ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

## ଜିଲା କଂଗ୍ରେସର ନୂତନ କମିଟି

**ଅନୁଗୋଳ ଅଫିସ, ୯।୮**

ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଅନୁଗୋଳ ଜିଲା କଂଗ୍ରେସର ନୂତନ କମିଟି ସମ୍ପର୍କରେ ଜିଲା ସଭାପତି ବିପ୍ଳବ ଜେନା ଘୋଷଣା କରିଛନ୍ତି। ଏହି କମିଟିରେ ଉପସଭାପତି ଭାବେ ରମେଶ ଚନ୍ଦ୍ର ପ୍ରଧାନ, ଦିଲୀପ କୁମାର ରାଉତ, ବିମଳ ପ୍ରଧାନ, ବିରଞ୍ଚି ନାରାୟଣ ଧର, ସୁନୀଲ କୁମାର ପ୍ରଧାନ, ଯତୀନ୍ଦ୍ର ସାହୁ, ଚିତ୍ତରଞ୍ଜନ ପ୍ରଧାନ, ମନୋଜ କୁମାର ପ୍ରଧାନ, କେଶବ ଚନ୍ଦ୍ର ଭୂତିଆ, ଗିରିଜାଶଙ୍କର ମିଶ୍ର, ଆଲୋକ କୁମାର ପ୍ରଧାନ, ଚିତ୍ତରଞ୍ଜନ ନାଏକ, ଭଗବାନ ସାହୁ, ବିଚ୍ଛନ୍ଦ କୁମାର ସାମଲ, ତପନ କୁମାର ପ୍ରଧାନ, ଶ୍ରୀକାନ୍ତ ଦାସ ପ୍ରମୁଖଙ୍କୁ ନିଆଯାଇଛି। ସେହିପରି ସାଧାରଣ ସମ୍ପାଦକ, ସମ୍ପାଦକ, କୋଷାଧ୍ୟକ୍ଷଙ୍କ ନାମ ଘୋଷଣା କରାଯାଇଛି। ଗୋପାଳ ଚନ୍ଦ୍ର ନାଥ ଓ ସୁବ୍ରତ ତ୍ରିପାଠୀଙ୍କୁ ମିଡିଆ ସେଲ୍ ଦାୟିତ୍ୱ ଦିଆଯାଇଥିବା ପ୍ରେସ ଇସ୍ତାହାର ମାଧ୍ୟମରେ ଅବଗତ କରାଯାଇଛି। ପୂର୍ବତନ ଜିଲା କଂଗ୍ରେସ ସଭାପତି ସଂଗ୍ରାମ କେଶରୀ ମିଶ୍ର, ଅମ୍ବିକା ପ୍ରସାଦ ଭଞ୍ଜ, ସସ୍ମିତା ବେହେରା, ସୁରେଶ କୁମାର ବେହେରା, ଜିତେନ୍ଦ୍ର କୁମାର ସାହୁ ପ୍ରମୁଖଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ନିଆଯାଇଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି।

## ଗର୍ଜିଲେ ଯାତ୍ରା କଳାକାର




୬ଦଫା ଦାବିନେଇ ଯାତ୍ରା କଳାକାର ସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

**ଢେଙ୍କାନାଳ ଅଫିସ,୯।୮**

ଯାତ୍ରା କଳାକାର ଓ କର୍ମଚାରୀ ସଂଘ ପକ୍ଷରୁ ସୋମବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ୬ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଯାତ୍ରା କଳାକାର ଓ କର୍ମଚାରୀ ସଂଘ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ସ୍ଲୋଗାନ ମାନ ଦେଇ ଜିଲା କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସଭାରେ କରୋନା ସମୟରେ କଳାକାରମାନଙ୍କ ପାଇଁ ମାସିକ ୫ ହଜାର ଟଙ୍କା ଲେଖାଏ ସୁରକ୍ଷା ଭତ୍ତା ତୁରନ୍ତ ଘୋଷଣା କରାଯିବା, କଳାକାରମାନଙ୍କୁ ଋଣ ଦିଆଯାଇ ଏମ୍ଏସ୍ଏମ୍ଇ ଅନ୍ତର୍ଭୁକ୍ତ କରିବା, ଋଣ ନେଇଥିବା କଳାକାରଙ୍କୁ ଶୁଝିବାକୁ ୨ବର୍ଷ ପର୍ଯ୍ୟନ୍ତ ସମୟ ଦେବା, ଯାତ୍ରା ଚାଲିବା ପାଇଁ ନାଇଟ କର୍ଫ୍ୟୁ ତୁରନ୍ତ ପ୍ରତ୍ୟାହାର କରିବା, ତୃତୀୟ ଲହର ପାଇଁ ଲକଡାଉନ କିମ୍ବା ଶଟଡାଉନ ଘୋଷଣା ହେଲେ ୬ମାସିକିଆ ପ୍ୟାକେଜ୍ ଦିଆଯିବା ଓ କଳାକାର ଭତ୍ତା ୧୨୦୦ରୁ ୩ ହଜାର ଟଙ୍କାକୁ ବୃଦ୍ଧି କରାଯିବା ଆଦି ଦାବି କରାଯାଇଥିଲା। ୧୫ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ସେହିପରି ଲକ୍‌ଡାଉନ ଓ ଶଟଡାଉନ ସମୟରେ କଳାକାର, ବିୟୁଟି ପାର୍ଲର, ସେଲୁନ, ସ୍ପା ଓ ଚାଷୀଙ୍କ ହୋଇଥିବା କ୍ଷତି ଭରଣା ପାଇଁ ୧୧ଶହ କୋଟି ଟଙ୍କାର ପ୍ୟାକେଜ୍ ପ୍ରଦାନ କରିବା ନିମନ୍ତେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନବନିର୍ମାଣ କୃଷକ ସଂଗଠନ ସଭାପତି ବିପ୍ରବର ସାହୁ, ଜିଲା ଯାତ୍ରା କଳାକାର ଓ କର୍ମଚାରୀ ସଂଘ ସଭାପତି ଜ୍ଞାନ ରଞ୍ଜନ ସାହୁ, ସମ୍ପାଦକ ଗତିକୃଷ୍ଣ ରଥ, ବରିଷ୍ଠ ଯାତ୍ରା କଳାକାର ରାଜେନ୍ଦ୍ର ପତି ପ୍ରମୁଖ ପରିଚାଳନା କରିଥିଲେ।

## ମଦ ଡିପୋ ଖୋଲିବା ନିଷ୍ପତ୍ତି ପ୍ରତ୍ୟାହାର ଦାବି

**ଅନୁଗୋଳ ଅଫିସ, ୯।୮**

ଅନୁଗୋଳ ବ୍ଲକ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ସୋମବାର ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ମଦ ଡିପୋ ଖୋଲିବା ନିଷ୍ପତ୍ତି ପ୍ରତ୍ୟାହାର କରିବା ସହିତ ମଦ ଓ ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଦାବିରେ ସଙ୍ଗଠନର ଜିଲା ସଭାନେତ୍ରୀ ମନ୍ଦୋଦରୀ ରାଉଳଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି କିଶୋରନଗରରେ ବ୍ଲକ ସମ୍ପାଦିକା ସୁରୁଚି ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ସରୋଜିନୀ ସାହୁ, ଛେଣ୍ଡିପଦାରେ ବ୍ଲକ ସମ୍ପାଦିକା ପ୍ରତିମା ବେହେରା, ସ୍ନେହଲତା ନାଏକ ଏବଂ ବଅଁରପାଳରେ ମଧ୍ୟ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାର ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା।

# ଯାଞ୍ଚ ପ୍ରକ୍ରିୟା ଜାରି ରଖ

**ଢେଙ୍କାନାଳ ଅଫିସ,୯।୮**

ଢେଙ୍କାନାଳ ଜିଲା ଓସଓ୍ୱାନ ହଲ୍‌ଠାରେ ସୋମବାର ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ କୋଭିଡ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କରୋନା ସଂକ୍ରମଣ ସଂଖ୍ୟା ଶୂନ ନ ହେବା ପର୍ଯ୍ୟନ୍ତ ସାପ୍ତାହିକ ହାଟ, ଜନଗହଳି ସ୍ଥାନରେ ସର୍ବସାଧାରଣ, ବ୍ୟବସାୟୀ, ଦୋକାନୀ ଓ ଗ୍ରାହକମାନଙ୍କ ଦ୍ୱାରା କୋଭିଡ୍ ନିୟମ ପାଳନ ହେଉଛି କି ନାହିଁ, ତାହାକୁ ଡାକଡି ଭାବେ ଯାଞ୍ଚ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାର ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପଜିଲାପାଳ, ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନିୟମିତ ଭାବେ ଆଣ୍ଟିଜେନ ଓ ଆର୍‌ଟିପିସିଆର ଟେଷ୍ଟ ହେଲେ ସଂକ୍ରମଣକୁ ହ୍ରାସ କରାଯାଇପାରିବ ବୋଲି ସେ କହିଥିଲେ। ଏଣୁ ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି କୋଭିଡ୍ ସଂକ୍ରମିତ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ଟେଷ୍ଟିଂ ବ୍ୟବସ୍ଥା କରିବା ଉପରେ ଜିଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ସଂକ୍ରମଣ ହାର କମିଲେ ଆଗାମୀ ଦିନରେ ଆସିବାକୁ ଥିବା ତୃତୀୟ ଲହରକୁ ସହଜରେ ମୁକାବିଲା କରାଯାଇ ପାରିବ ବୋଲି ସେ କହିଥିଲେ। ନଭେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ ପର୍ବପର୍ବାଣୀରେ ଦେବଦେବୀ ମୂର୍ତ୍ତି ୪ଫୁଟ ଉଚ୍ଚତା ବିଶିଷ୍ଟ ହେବ। ପୂଜା ମଣ୍ଡପରେ ସାଧାରଣଙ୍କ ଦର୍ଶନକୁ ବାରଣ କରାଯାଇଛି। ପର୍ବପର୍ବାଣି ସମୟରେ କୌଣସି ପ୍ରକାର ଶୋଭାଯାତ୍ରା, ଭୋଜିଭାତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିବ ନାହିଁ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଭାରପ୍ରାପ୍ତ ଉପଜିଲାପାଳ ରବିନାରାୟଣ ତ୍ରିପାଠୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।




କୋଭିଡ ସ୍ଥିତି ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**ସଂକ୍ଷେପରେ**

## ଦାଦନ ଖଟିବାକୁ ଯାଇ କ୍ୟାନ୍ସରରେ ମୃତ ଦୁଇ ଶିଶୁ ବାପଛେଉଣ୍ଡ

ବାଲିଆପାଳ, ୯।୮(ସ୍ୱ.ପ୍ର.)-ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତର ଚରବାସ୍ତ କାଳରୁ ଗ୍ରାମର ବିଜୟ କୁମାର ବେହେରା ଦିଲ୍ଲୀକୁ ଦାଦନ ଖଟିବାକୁ ଯାଇ କ୍ୟାନ୍ସରରେ ଆକ୍ରାନ୍ତ ହୋଇ ସୋମବାର ପ୍ରାଣ ହରାଇଛନ୍ତି। ତାଙ୍କ ୧୧ ମାସର ପୁଅ ଏବଂ ୪ ବର୍ଷର ଝିଅ ଏବେ ବାପ ଛେଉଣ୍ଡ ହୋଇଯାଇଛନ୍ତି। ବିଜୟ ଦୀର୍ଘଦିନ ହେଲା ଦିଲ୍ଲୀରେ ଶ୍ରମିକ ଭାବରେ କାମ କରି ଆସୁଥିଲେ। କରୋନା ସମୟରେ ସେ ଘରକୁ ନ ଆସି ଦିଲ୍ଲୀରେ ରହିଥିଲେ। ସେଠାରେ ସେ କ୍ୟାନସରରେ ପୀଡିତ ବୋଲି ଜାଣିବା ପରେ ଅର୍ଥ ଅଭାବରୁ ଚିକିତ୍ସା ହୋଇ ନ ପାରି ଦୁଇ ସପ୍ତାହ ପୂର୍ବରୁ ନିଜର ଜନ୍ମ ମାଟିକୁ ଫେରି ଆସିଥିଲେ। ସୋମବାର ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ମୃତ୍ୟୁ ପରେ ୧୧ ମାସର ପୁଅ ଏବଂ ୪ ବର୍ଷର ଝିଅ ଏବେ ବାପ ଛେଉଣ୍ଡ। ସ୍ତ୍ରୀ ଶକୁନ୍ତଳା ଦୁଇ ପିଲାଙ୍କ ଭବିଷ୍ୟତ କଥା ଚିନ୍ତା କରି ଆଖିରୁ ଲୁହ ଗଡ଼ାଉଛନ୍ତି। ବିଜୟଙ୍କ ବିଧବା ପତ୍ନୀ ଓ ଦୁଇ ପିଲାର ଭବିଷ୍ୟତ ଆଖିରେ ରଖି ସରକାରୀ ସ୍ତରରେ ଆର୍ଥିକ ସହାୟତା ପାଇଁ ଉଭୟ ଚରବସ୍ତ କାଳରୁଇ ଏବଂ ଚୌଧୁରୀକୁଦ ଗ୍ରାମର ଲମ୍ବୋଦର ମହାନା, ଅଦୈତ୍ୟ ସାହୁ, ଗୌରାଙ୍ଗ ସାହୁ, ମଳୟ ମହାନ୍ତି, ମନୋରଞ୍ଜନ ଦଣ୍ଡପାଟ, ପତିତପାବନ ବେହେରା, ସନ୍ନ୍ୟାସୀ ବେହେରା ପ୍ରମୁଖ ଦାବି କରିଛନ୍ତି।

## କୁକୁଡ଼ା ଫାର୍ମ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ପାଟଣା,୯।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ଟାଙ୍ଗରପଡ଼ା ପଞ୍ଚାୟତ ଅଙ୍କୁରା ଗ୍ରାମର ଝପାସାହିରେ ନିର୍ମାଣାଧୀନ ଏକ କୁକୁଡ଼ା ଫାର୍ମକୁ ଗ୍ରାମବାସୀ ରବିବାର ବିରୋଧ କରିଛନ୍ତି। ଏଥିସହ ସ୍ଥାନୀୟ ସରପଞ୍ଚ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ ବିନା ଅନୁମତିରେ ଏଠାରେ କୁକୁଡ଼ା ଫାର୍ମ ନିର୍ମାଣ ପାଇଁ ଅନୁମତି ଦେଇଥିବାରୁ ଲୋକେ ଏକାଠି ହୋଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଫଳରେ ଫାର୍ମ କାମ ବନ୍ଦ ହୋଇଛି। ସୂଚନା ଅନୁଯାୟୀ, ସରପଞ୍ଚ କେତେକ ଲୋକଙ୍କୁ ପାଇପ୍ ଯୋଗେ ଗାଁକୁ ପାଣି ଆସିବ କହି ସାଦା କାଗଜରେ ଦସ୍ତଖତ କରାଇବା ପରେ ବ୍ରଏଲର ଫାର୍ମକୁ ଅନୁମତି ଦେଇଥିବା ଗ୍ରାମବାସୀ କହିଛନ୍ତି। ଏଠାରେ ହେବାକୁ ଥିବା ୧୩ ହଜାର କ୍ଷମତା ସମ୍ପନ୍ନ କୁକୁଡ଼ା ଫାର୍ମ ହେଲେ ସାହି ଲୋକେ ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଗନ୍ଧ ଓ କୁକୁଡ଼ା ଫାର୍ମରୁ ନିର୍ଗତ ବର୍ଜ୍ୟବସ୍ତୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ଆଶଙ୍କାରେ ଅବସରପ୍ରାପ୍ତ ଅଧିକାରୀ ବିକ୍ରମ ମୁଣ୍ଡା, ଦାଶ ମତି ଚାତାର, ଭକ୍ତବନ୍ଧୁ ମହାନ୍ତ, ଜୁଲୁ ମହାନ୍ତ, ନିର୍ମଳ ମହାନ୍ତ, ନନ୍ଦ ମହାନ୍ତ, ବିମଳା ମହାନ୍ତ ପ୍ରମୁଖ ଶତାଧିକ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ରଞ୍ଜୁଲତା ନାଏକଙ୍କୁ ପଚାରିବାରୁ ଗ୍ରାମବାସୀ ଉକ୍ତ ଫାର୍ମକୁ ବିରୋଧ କରୁଥିବାରୁ ଦିଆଯାଇଥିବା ଅନୁମତି ପତ୍ର ଖାରଜ କରି ଦିଆଯିବ ବୋଲି କହିଛନ୍ତି।

## ସିଆଇଟିୟୁର ଶୋଭାଯାତ୍ରା

କୁଳିଅଣା,୯।୮(ଡି.ଏନ.ଏ.)- କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ବିରୋଧରେ ସୋମବାର ସିଆଇଟିୟୁ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। କର୍ମକର୍ତ୍ତାମାନେ କୁଳିଅଣା ବଜାରଠାରୁ ଶୋଭାଯାତ୍ରାରେ ଯାଇ ତହସିଲଦାର ଅଭିଷେକ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସଙ୍ଗଠନର ଅମୂଲ୍ୟ ଦେ, ବ୍ଲକ ସଭାପତି ସନ୍ଧ୍ୟା ବେହେରା, ଆନନ୍ଦର ସେଠୀ, ଅର୍ଜୁନ ବେହେରା, ରବୀନ୍ଦ୍ର ଦାସ, ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବୃଦ୍ଧଙ୍କଠାରୁ ୫୫ ହଜାର ଲୁଟ୍

ବାସୁଦେବପୁର,୯।୮(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ସହର ଟ୍ରାଫିକ ଛକ ନିକଟସ୍ଥ ଶିବ ମନ୍ଦିର ସାମ୍ନାରୁ ସୋମବାର ଅପରାହ୍ନରେ ବଛିପୁର ଗ୍ରାମର ସନାତନ ବେଜ ନାମକ ଜଣେ ବୃଦ୍ଧଙ୍କଠାରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ତାଙ୍କଠାରୁ ୫୫ ହଜାର ଟଙ୍କା ଭର୍ତ୍ତି ଥିବା ବ୍ୟାଗ୍ ଝାମ୍ପି ନେଇ ଫେରାର ହୋଇଯାଇଛନ୍ତି। ଏନେଇ ସନାତନ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସନାତନ ଏସ୍‌ବିଆଇ ଶାଖାରୁ ଟଙ୍କା ଉଠାଇ ବ୍ୟାଗ୍‌ରେ ରଖି ଫେରୁଥିବା ବେଳେ ଦୁଇଜଣ ଯୁବକ ପିଛା କରି ତାଙ୍କ ସାର୍ଟରେ କିଛି ମଇଳା ପକାଇ ଦେଇଥିଲେ। ସେ ଉକ୍ତ ମନ୍ଦିର ନଳକୂପ ନିକଟରେ ସାର୍ଟ ସଫା କରୁଥିବା ବେଳେ ଜଣେ ଅଚିହ୍ନା ବ୍ୟକ୍ତି ତାଙ୍କ ଟଙ୍କା ବ୍ୟାଗ୍ ଝାମ୍ପି ନେଇ ଦୌଡ଼ି ପଳାଇଥିଲେ।

# ନିଯୁକ୍ତି ଦାବିରେ ବିକ୍ଷୋଭ



ଅଲ୍ ଇଣ୍ଡିଆ ଅନ୍‌ଏମ୍ପ୍ଲୋୟେଡ୍ ୟୁଥ୍ ଷ୍ଟ୍ରଗଲ୍ କମିଟି ଆହ୍ୱାନରେ ବିକ୍ଷୋଭ କରାଯାଉଛି।

**ଅନୁଗୋଳ ଅଫିସ, ୯।୮**

ନିଯୁକ୍ତି ପ୍ରକ୍ରିୟା ତୁରନ୍ତ ଚାଲୁ କରିବା ଏବଂ ଖାଲିପଡିଥିବା ସମସ୍ତ ସରକାରୀ ପଦବୀକୁ ୨୦୨୧ ସୁଦ୍ଧା ପୂରଣ ଦାବିରେ ଅଲ୍ ଇଣ୍ଡିଆ ଅନ୍‌ଏମ୍ପ୍ଲୋୟେଡ୍ ୟୁଥ୍ ଷ୍ଟ୍ରଗଲ୍ କମିଟି ଆହ୍ୱାନରେ ସାରାଭାରତ ଦାବି ଦିବସ ଅବସରରେ ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି। ଯୁବ ସଙ୍ଗଠକ ବିଷ୍ଣୁ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଯୁବନେତା ମାନସ ପାଳ ବକ୍ତବ୍ୟ ରଖି ଦେଶର ବେକାରି ସମସ୍ୟା ଚରମ ସୀମାରେ ପହଞ୍ଚିଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି କହିଥିଲେ। ପ୍ରତିବର୍ଷ ୨ କୋଟି ବେକାରଙ୍କୁ କାମ ଦେବାପାଇଁ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପାଣିରଗାର ସଦୃଶ ହୋଇଛି। ତେଣୁ ବେକାର ଯୁବତୀ ଓ ଯୁବକମାନେ ସଙ୍ଗଠିତ ହୋଇ ନିଯୁକ୍ତି ଦାବିରେ ଆନ୍ଦୋଳନ କରିବାକୁ ସେ ଆହ୍ୱାନ କରିଥିଲେ। ଶେଷରେ ଯୁବ ସଙ୍ଗଠକ ଜ୍ୟୋତ୍ସ୍ନା ସାମଲ, ନିରଞ୍ଜନ ନାୟକ, ମଳୟ ବେହେରା ପ୍ରମୁଖ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

## ଟ୍ରକ୍ ଧକ୍କାରେ ସାଇକେଲ ଚାଳକ ମୃତ

**ସୋର, ୯।୮(ଡି.ଏନ୍.ଏ.)**

ସୋର ବ୍ଲକ ମାଣିପୁର ପଞ୍ଚାୟତ ଖୁଣ୍ଟା ଗ୍ରାମର ଗୁଲୁଣିଆ ଛକ ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ସାଇକେଲ ଚାଳକଙ୍କର ମୃତ୍ୟୁ ଘଟିଛି। ରବିବାର ମଧ୍ୟାହ୍ନରେ ବାଲଇମୁଣ୍ଡଳୀ ଗ୍ରାମର ପାଣ୍ଡୁ ସିଂ(୬୫) ମାଣିପୁର ବେଙ୍ଗେଇ ଗ୍ରାମରୁ ନିଜ ସାଇକେଲରେ ଘରକୁ ଫେରୁଥିବା ବେଳେ ଗୁଲୁଣିଆଛକ ନିକଟରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଟ୍ରକ ଡ୍ରାଇଭର ୧୦୮ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାରେ ଚିକିତ୍ସା କରାଇ ଘରେ ଛାଡ଼ିଦେଇଥିଲେ। ସୋମବାର ପୂର୍ବାହ୍ନରେ ପାଣ୍ଡୁ ପୁଣି ଗୁରୁତର ହୋଇପଡ଼ିବାରୁ ତାଙ୍କ ପରିବାର ଲୋକେ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୋର ପୋଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି।

# ପେଟ୍ରୋଲ ଅପମିଶ୍ରଣ ଅଭିଯୋଗ

**ଅନୁଗୋଳ ଅଫିସ, ୯।୮**


ଅପମିଶ୍ରଣ ଅଭିଯୋଗ ଆଣିଥିବା ଦୁଇ ଗ୍ରାହକ ପେଟ୍ରୋଲ ବୋତଲ ଦେଖାଉଛନ୍ତି।

ଅନୁଗୋଳ ସହର ହାତୀଶାଳପଡ଼ା ଅଞ୍ଚଳରେ ଥିବା ଏକ ପେଟ୍ରୋଲ ପମ୍ପରେ ଅପମିଶ୍ରଣ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସୋମବାର ସେଠାରେ ଚାପା ଉତ୍ତେଜନା ଦେଖାଦେବା ପରେ ପମ୍ପର ୩ ଓ ୪ ନମ୍ବର କାଉଣ୍ଟରକୁ ବନ୍ଦ କରିଦିଆଯାଇଥିଲା। ଏ ନେଇ ଅନୁଗୋଳ ପ୍ରଶାସନ ନିକଟରେ ଖବର ପହଞ୍ଚିବା ପରେ ଏକ ଟିମ୍ ଯାଇ ପେଟ୍ରୋଲ ପମ୍ପରେ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଉକ୍ତ ପେଟ୍ରୋଲ ପମ୍ପରେ ଆଙ୍ଗୁଲାର କ୍ଷୀରୋଦ ବେହେରା ଓ ସୌଭାଗ୍ୟନଗରର ବରଦା ପ୍ରସନ୍ନ ହୋତା ଗାଡ଼ିରେ ତେଲ ପକାଇବାକୁ ଆସିଥିଲେ। ସେମାନଙ୍କ ସନ୍ଦେହ ହେବାରୁ ବୋତଲରେ ତେଲ ମାଗିଥିଲେ। କିନ୍ତୁ କର୍ମଚାରୀ ପ୍ରଥମେ ଅମଙ୍ଗ ହୋଇଥିଲେ। ପରେ ପେଟ୍ରୋଲ ଦେଇଥିଲେ ମଧ୍ୟ ତେଲର ରଙ୍ଗ ଅଲଗା ରହିଥିଲା। ଏହାପରେ ସେଠାରେ ଥିବା ୧ ଓ ୨ ନମ୍ବର କାଉଣ୍ଟରରୁ ତେଲ ମାଗି ଠିକ୍‌ଠାକ୍ ରହିଥିବା ଦେଖିଥିଲେ। ଅପମିଶ୍ରଣ ଅଭିଯୋଗ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇବାରୁ ଅନୁଗୋଳ ପୋଲିସ ପହଞ୍ଚିବା ସହ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ନିକଟରେ ଖବର ପହଞ୍ଚିଥିଲା। ଏହାପରେ ତେଲର ଗୁଣବତ୍ତା ଯାଞ୍ଚ କରିବାକୁ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ୍ ଦୋଳଗୋବିନ୍ଦ ସାହୁଙ୍କ ନେତୃତ୍ୱରେ ବୈଧ ମାପବିଜ୍ଞାନ ସିନିୟର ଇନ୍ସପେକ୍ଟର ପୃଥ୍ୱିରାଜ ହାଁସଦା, ସହକାରୀ ଯୋଗାଣ ଅଧିକାରୀ ଅଧୀର ପ୍ରସାଦ ବିଶ୍ୱାଳ, ସପ୍ଲାଇ ଇନ୍ସପେକ୍ଟର(ବଣ୍ଠରପାଳ) ସତ୍ୟବ୍ରତ ସେଠୀଙ୍କ ସହ ଅନ୍ୟମାନେ ପେଟ୍ରୋଲ ପମ୍ପକୁ ଯାଇ ତେଲର ଗୁଣବତ୍ତା ପରୀକ୍ଷା କରିଥିଲେ। ମଙ୍ଗଳବାର ରିପୋର୍ଟ ଆସିବା ପରେ ଅପମିଶ୍ରଣ ସମ୍ପର୍କରେ ଜଣାପଡ଼ିବ। ପେଟ୍ରୋଲ ପମ୍ପ ମ୍ୟାନେଜର କହିଛନ୍ତି , ଦୁଇ ପ୍ରକାର ପେଟ୍ରୋଲ ଟାଙ୍କିକୁ ଆସୁଛି। ତେଣୁ ରଙ୍ଗ ଭିନ୍ନ ରହିଛି। ତେଲରେ ଅପମିଶ୍ରଣ ହେଉନାହିଁ।

## ଆଇନଜୀବୀଙ୍କ ବିୟୋଗରେ ଶୋକ

**ଅନୁଗୋଳ ଅଫିସ, ୯।୮**

ଅନୁଗୋଳ ଓକିଲ ସଂଘର ବରିଷ୍ଠ ସଦସ୍ୟ ଦିବାକର ସାହୁଙ୍କ ଶନିବାର ପରଲୋକ ହୋଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେଠାରୁ ତାଙ୍କ ମରଶରୀରକୁ ଓକିଲ ସଂଘ କାର୍ଯ୍ୟାଳୟକୁ ଅଣାଯିବା ପରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। ଏ ନେଇ ସୋମବାର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଂଘ ଉପସଭାପତି ନିରୋଦ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦିବାକରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସଭ୍ୟ ବସନ୍ତ କୁମାର ଦାସ, ମହେନ୍ଦ୍ର ବସ୍ତିଆ, ଅଭୟ ଗଡ଼ନାୟକ, ଅଶୋକ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସହ ସମ୍ପାଦକ ଧର୍ମେନ୍ଦ୍ର ନାଥ ମିଶ୍ର, କୋଷାଧ୍ୟକ୍ଷ ନୀଳକଣ୍ଠ ନାଏକ, ସାଂସ୍କୃତିକ ସମ୍ପାଦକ ପ୍ରଦୀପ୍ତ କିଶୋର ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ସଂଘ ସାଧାରଣ ସମ୍ପାଦକ ସୋମନାଥ ରାଉତ ଧନ୍ୟବାଦ ଦେଇଥିଲେ।


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଓକିଲ ସଂଘ କାର୍ଯ୍ୟକର୍ତ୍ତାମାନେ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଅନୁଗୋଳ ଅଫିସ,୯।୮**

ଅନୁଗୋଳ ସହରର ଏକ ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ ହୋଇଥିବା ନେଇ ସୋମବାର ପରିବାର ଲୋକ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ନାବାଳିକାଙ୍କ ମା’ ଏକ ସଂସ୍ଥାରେ ସୁପରଭାଇଜର ଓ ବାପା ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ସୋମବାର ନାବାଳିକାଙ୍କ ମା’ କାର୍ଯ୍ୟସାରି ଆସିବା ପରେ ଘରେ ଝିଅକୁ ପାଇ ନ ଥିଲେ। ପରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳିପାରି ନ ଥିଲା। ଶେଷରେ ପରିବାର ଲୋକେ ଝିଅକୁ କେହି ଅପହରଣ କରିନେଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ବିଶ୍ୱ ଆଦିବାସୀ ଦିବସ

**ପାଲଲହଡ଼ା\ଆଠମଲ୍ଲିକ ୯।୮(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ବିର୍ସା ବିକାଶ ସମିତି ଆନୁକୂଲ୍ୟରେ ସୋମବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବନାଞ୍ଚଳ ଅଧିକାରୀ ଦୁର୍ଯ୍ୟୋଧନ ଜେରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ବିର୍ସାମୁଣ୍ଡାଙ୍କ ସମେତ ପାଲଲହଡ଼ା ସହରରେ ଥିବା ସମସ୍ତ ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ରଘୁନନ୍ଦନ ଆଚାର୍ଯ୍ୟ ମୁଖ୍ୟବକ୍ତା, ଲକ୍ଷ୍ମଣ ହେମ୍ବ୍ରମ, ଶିବା ଦେଓଗାଁ, କୁସୁନୁ ପୂର୍ତ୍ତି ବିଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଇଶର ପିଙ୍ଗୁଆଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିର୍ସା ବିକାଶ ସମିତି ଓ ପାଲଲହଡ଼ା ହୋ ସମାଜର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଅଖିଳ ଭାରତ କିଶାନ ମଜଦୁର୍ ସଭା ପକ୍ଷରୁ ଆଠମଲ୍ଲିକ ବ୍ଲକର ନଅଗାଁ ପଞ୍ଚାୟତ ଦୁଧିଆନାଳି ଆମତୋଟା ଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଏଆଇକେଏମଏସ ଜିଲା ସମ୍ପାଦକ ଧର୍ମେନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶାନ ମଜଦୁର୍ ସଭାର ସ୍ଥାନୀୟ କର୍ମୀ ବୀଦୁ ମୁଣ୍ଡା, ଝରିଆ ମୁଣ୍ଡା, କୁନ୍ତଳା ମୁଣ୍ଡା, ଅହଲ୍ୟା ମୁଣ୍ଡା, ରାଜ ମୁଣ୍ଡା, ଅଜିତା ମୁଣ୍ଡା, ଶୈଦାମିନୀ ମୁଣ୍ଡା, ହରି ମୁଣ୍ଡା, ପ୍ରମିଳା ମୁଣ୍ଡା, ତୁଳସା ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ପାଲଲହଡ଼ାଠାରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

**ଆଠମଲ୍ଲିକ,୯।୮(ଡି.ଏନ.ଏ.)**

ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ସୋମବାର ଆଠମଲ୍ଲିକ ଏନ୍‌ଏସି ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ଏନ୍‌ଏସି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବିଧାୟକ ଯୋଗଦେଇ ଆଠମଲ୍ଲିକ ସହରର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସହରରେ ନୂତନ ପାର୍କ, ପୋଖରୀ, ରାସ୍ତାର ଉନ୍ନତି, ରାଜସ୍ୱ ବୃଦ୍ଧି, ଅର୍ଥର ସଦୁପୋଯୋଗ, ପରିମଳ ବ୍ୟବସ୍ଥା, ନିର୍ମାଣାଧୀନ ଦୋକାନ ଗୃହ ଆଦି ସମ୍ପର୍କରେ ସମୀକ୍ଷା କରି ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, ଇଓ କାଦମ୍ବିନୀ ଜେନା, ବିଧାୟକଙ୍କ ପ୍ରତିନିଧି ଗଦାଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗସ୍ତ ଅବସରରେ ବିଧାୟକ ସାଏ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଆୟୋଜିତ ବିଜେଡି ସାଙ୍ଗଠନିକ ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଏନ୍‌ଏସିର ୧୧ ୱାର୍ଡର ସଭାପତିମାନେ ଯୋଗଦେଇ ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ଦିଗରେ ଆଲୋଚନା କରିଥିଲେ। ବୈଠକରେ ବିଧାୟକ ପ୍ରତିନିଧି କ୍ଷୀରୋଦ ବଘାରଙ୍କ ସମେତ ବିଜେଡି କର୍ମୀ ଯୋଗ ଦେଇଥିଲେ।


ଏନ୍‌ଏସି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବିଧାୟକଙ୍କ ସମେତ ଅନ୍ୟମାନେ।

## ଅନୁଗୋଳରେ ୩୨ ସଂକ୍ରମିତ

**ଅନୁଗୋଳ ଅଫିସ, ୯।୮**

ଅନୁଗୋଳ ଜିଲାରୁ ସୋମବାର ୩୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୩ ହଜାର ୫୦୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ୭, ଅନୁଗୋଳ ବ୍ଲକରୁ ୬, ଅନୁଗୋଳ ପୌରାଞ୍ଚଳରୁ ୪, କିଶୋରନଗର ବ୍ଲକରୁ ୪, ତାଳଚେର ବ୍ଲକରୁ ୪, କଣିହାଁ ବ୍ଲକରୁ ୩, ଆଠମଲ୍ଲିକ ବ୍ଲକରୁ ୨ ଓ ବଣ୍ଠରପାଳ ବ୍ଲକରୁ ୨ ଜଣ ଆକ୍ରାନ୍ତ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୭୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ପୁନଃନିଯୁକ୍ତି ଦାବିରେ ଗଣଧାରଣା

**ପରଜଙ୍ଗ,୯।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଲେଇସ୍ଥିତ ଜିଏମ୍ ଆଇରନ ଫାଟକ ସମ୍ମୁଖରେ ସୋମବାର ପୁନଃନିଯୁକ୍ତି ଦାବିରେ ଜମିହରା ପ୍ରଜାମାନେ ଧାରଣା ଦେଇଛନ୍ତି। ସୂଚନା ମୁତାବକ, ଆଖପାଖରେ ଥିବା ଅନେକ ପ୍ରଜା ଏହି ଜିଏମ୍ ଆଇରନ ପ୍ଲାଣ୍ଟ ପାଇଁ ଜମି ଓ ଭିଟାମାଟି ହରାଇଛନ୍ତି। ପୂର୍ବରୁ ଜମି ହରାଇଥିବା ପ୍ରଜାମାନଙ୍କୁ ଏହି ପ୍ଲାଣ୍ଟରେ ଯୋଗ୍ୟତା ଭିତ୍ତିକ ଶ୍ରମିକ ଓ କର୍ମଚାରୀ ଭାବେ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଏବେ ଜମି ହରାଇଥିବା ଶ୍ରମିକଙ୍କୁ ନିଯୁକ୍ତିରୁ ଉକ୍ତ କମ୍ପାନୀ ବାଦ ଦେଇଥିବା ଜମିହରା ପ୍ରଜାମାନେ ଅଭିଯୋଗ କରିଛନ୍ତି। ସାମବାର କମ୍ପାନୀ ସମ୍ମୁଖରେ ପୁନଃ ନିଯୁକ୍ତି ଦାବିରେ ଗଣଧାରଣା ଦିଆଯାଇଥିଲେ ମଧ୍ୟ ବିଳମ୍ବିତ ସମୟ ଯାଏ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦେଖା ନ ଥିଲା। ଯଦି ଏହାର ସମାଧାନ କରା ନ ଯାଏ ତାହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।


ଜମିହରା ପ୍ରଜାମାନେ ଧାରଣାରେ ବସିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଭାରତ ବଞ୍ଚାଅ ଦିବସ**

**ଅନୁଗୋଳ ଅଫିସ, ୯।୮**

କ୍ରାନ୍ତି ଦିବସ ଅବସରରେ ସୋମବାର କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନଙ୍କ ମିଳିତ ମଞ୍ଚ ପକ୍ଷରୁ ଭାରତ ବଞ୍ଚାଅ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସମନ୍ୱୟ କମିଟି ଅନୁଗୋଳ ଜିଲା ପକ୍ଷରୁ ୧୪ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରରେ ଶ୍ରମିକ ବିରୋଧୀ ଶ୍ରମ କୋଡ୍, ଜନବିରୋଧୀ କଳା କୃଷି ଆଇନ୍ ଏବଂ ବିଦ୍ୟୁତ୍ ବିଲ୍-୨୦୨୦ ବାତିଲ କରିବା, ସରକାରୀ ଅଫିସରେ ଖାଲିପଡିଥିବା ପଦବୀ ପୂରଣ କରିବା, ଆୟକର ଦେଉ ନ ଥିବା ପରିବାରକୁ ମାସକୁ ୭,୫୦୦ ଟଙ୍କା ସହାୟତା ସହିତ ୧୦ କିଲୋଗ୍ରାମ ଖାଦ୍ୟ ଯୋଗାଇଦେବା, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍, ଖାଇବା ତେଲ ସମେତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ରୋକିବା ଆଦି ଦାବି ଉଲ୍ଲେଖ କରାଯାଇଛି। ଏଆଇୟୁଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଆଇଏନ୍‌ଟିୟୁସି ଜିଲା ସଭାପତି ଦିଗମ୍ବର ଗଡନାୟକ, ସିଆଇଟିୟୁ ଜିଲା ସାଧାରଣ ସମ୍ପାଦକ ଉପେନ୍ଦ୍ର ଶର୍ମା, ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ଜୟସେନ ମେହେର, ତୀର୍ଥବାସୀ ଭୋଇ, ଆଇଏନ୍‌ଟିୟୁସିର ବିମ୍ବାଧର ସାମଲ, ରଶ୍ମିରଞ୍ଜନ ସାହୁ, ଆର. ନନ୍ଦ, ପ୍ରହଲ୍ଲାଦ ସାହୁ, ଭିକାରୀ ପ୍ରଧାନ, ଚୁନା ନାଏକ, ଦୀପକ ସିଂ, ସୁକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଗଣ୍ଡଗୋଳ: ୨ କୋର୍ଟଚାଲାଣ

**ଅନୁଗୋଳ ଅଫିସ,୯।୮**

ଅନୁଗୋଳ ସହରରେ ରବିବାର ଦୁଇଟି ସ୍ଥାନରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ପୋଲିସ ସହରର ସୌଭାଗ୍ୟନଗର ଅଞ୍ଚଳରୁ ରାକେଶ କୁମାର ବେହେରା ଓ ମାଟିଆସାହିରୁ ଟିକନ ଓରଫ ତ୍ରିନାଥ ନାଏକଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ରାକେଶ ପୂର୍ବଶତ୍ରୁତାକୁ ନେଇ ଜିତେନ୍ଦ୍ର ସାହୁ ନାମକ ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଜିତେନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ। ସେହିପରି ତ୍ରିନାଥ ପୂର୍ବରୁ ଶତ୍ରୁତାକୁ ନେଇ ସତ୍ୟାନନ୍ଦଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ସତ୍ୟାନନ୍ଦ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ବିଶୁଦ୍ଧ ପାଣି ଯୋଗାଣ ଦାବି

**ଅନୁଗୋଳ ଅଫିସ, ୯।୮**

ବିଶୁଦ୍ଧ ପାଣି ଯୋଗାଇ ଦେବା ଦାବିରେ ଅନୁଗୋଳ ଜିଲା ବଣ୍ଠପାଳ ବ୍ଲକ ଅମାନ୍ତପୁର ଗ୍ରାମବାସୀ ସୋମବାର ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ଅମାନ୍ତପୁର ଗ୍ରାମବାସୀଙ୍କୁ ଦୀର୍ଘବର୍ଷ ହେବ ନାଲ୍‌କୋ ପାନୀୟ ଜଳ ଯୋଗାଇ ଆସୁଥିଲା। ଗତ ମେ ମାସରୁ ଆରଡବ୍ଲ୍ୟୁଏସ୍‌ଏସ୍ ଉକ୍ତ ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଉଛି। ହେଲେ ଦୂଷିତ ପାଣି ଆସୁଥିବାରୁ ଏହା ପିଇବା ଯୋଗ୍ୟ ନୁହେଁ ବୋଲି ସେମାନେ କହିଛନ୍ତି। ଏ ନେଇ ପୂର୍ବରୁ ଗ୍ରାମବାସୀ ନାଲ୍‌କୋ ମ୍ୟାନେଜମେଣ୍ଟ ସହ ସ୍ଥାନୀୟ ପୋଲିସ ଓ ଆରଡବ୍ଲ୍ୟୁଏସ୍‌ଏସ ସହ ଗତ ମେ ମାସ ଶେଷ ସପ୍ତାହରେ ଆଲୋଚନା ହୋଇଥିଲା। ଆରଡବ୍ଲ୍ୟୁଏସ୍‌ଏସ୍ ଅଧିକାରୀମାନେ ଏହି ସମସ୍ୟାର ସମାଧାନ କରି ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମସ୍ୟାର ସମାଧାନ ହୋଇପାରିନହିଁ। ତୁରନ୍ତ ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

